# ବର୍ଷା

କବି:ଅତିବଡି ଜଗନ୍ନାଥ ଦାସ

ଶ୍ରେଣୀ:ଷଷ୍ଠ

ଚତୁର୍ଥ ଦିନ



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## SUB-CONCEPTS:ଶସ୍ୟ-ସମ୍ପଦରେ ପୃଥିବୀ ପରିପୃଷ୍ଟ ।

### ପୂର୍ବ ପାଠର ଆଲୋଚନା-

୧.ପୃଥିବୀ କେତେ ମାସ ତାପିତ ଥିଲା ?
୨.ତପସ୍ୟାର ଫଳ କେଉଁମାନେ ପାଇଥା'ନ୍ତି?
୩.କେଉଁମାନେ ମେଘ ନାଦ ଶୁଣି ଗର୍ଜନ କରନ୍ତି?

# କବିତାଂଶ ବ୍ୟାଖ୍ୟା:

ନାନା ପ୍ରକାରେ ଶସ୍ୟରାଶି
ଏଣେ ପୂରିତ ମହୀ ଦିଶି ।।
ଛତୁ ଯେ ଛତ୍ର ପ୍ରାୟ ହୋଇ
ରାଜାର ପ୍ରାୟ ଦିଶେ ମହୀ ।।
ମୟୂରେ ଗିରି ଶିଖେ ଥାଇ
ନୃତ୍ୟ କରନ୍ତି ମେଘେ ଚାହିଁ ।।
ଅତିଥି ଦେଖି ଭକ୍ତ ଜନେ
ଯେସନେ ତୋଷ ହୁଅନ୍ତି ମନେ ।।



- ବିଭିନ୍ନ ରକମର ଫସଲରେ ପୃଥିବୀର ଚତୁର୍ଦ୍ଦିଗ ପୂରି ଉଠେ ।
- ଛତାଭଳି ଛତୁ ସବୁ ଫୁଟେ ଓ ପୃଥିବୀ ରାଜା ଭଳି ଦିଶେ ।
- ମେଘକୁ ଦେଖି ପର୍ବତ ଶିଖରେ ମୟୂରମାନେ ନାଚ କରନ୍ତି ।
- ଭକ୍ତଜନମାନେ ଅତିଥି ଦେଖି ଖୁସି ହେଲାପରି ଏମାନେ ଆନନ୍ଦିତ ହୁଅନ୍ତି ।

# କଠିନ ଶବ୍ଦର ଅର୍ଥ:

ଛତ୍ର-ଛତା
ମହୀ-ପୃଥିବୀ
ଗିରି-ପର୍ବତ
ଶିଖ-ଶିଖର
ହ୍ୱନ୍ତି-ହୁଅନ୍ତି

# ବ୍ୟାକରଣଗତ ଶବ୍ଦ:

**ପ୍ରତିଶବ୍ଦ :**

ଗିରି-ପର୍ବତ,ଶୈଳ

ମୟୂର-ଶିଖୀ,କେକୀ

ରାଜା-ନରପତି,ମହୀପତି,ଭୂପତି

**ଯେପରି ଆଠକୁ ଅଷ୍ଟ ସେହିପରି**

ନଅ-ନବ

ସାତ-ସପ୍ତ

ଛଅ-ଷଷ୍ଠ

ଏଗାର-ଏକାଦଶ

# ଗୃହକର୍ମ:

ବର୍ଷା କବିତାଟିକୁ ଗଦ୍ୟରେ ଲେଖିବ ।

# THANKING YOU

# ODM EDUCATIONAL GROUP